ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest and Env.(Odia)/1430/10-03-2021**

# 'ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଅଗ୍ନି ନିର୍ବାପନ ପାଇଁ ଅଧିକ ୪ଟି ଓଡ୍ରାଫ ଦଳ ମୁତୟନ କର'

: ଡ. ମୋନା ଶର୍ମା

ଭୁବନେଶ୍ୱର, ୧୦.୦୩.୨୦୨୧

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ନିଆଁ ଲିଭାଇବା ପାଇଁ ଅଧିକ ୪ଟି ଓଡ୍ରାଫ ଦଳ, ରାୟଗଡ଼ା, ନୂଆପଡ଼ା, ଦେଓଗଡ଼ ଓ ଗଞ୍ଜାମର ଭଞ୍ଜନଗର ବନ ଉପଖଣ୍ଡରେ ନିଆଁ ଲିଭାଇବା ପାଇଁ ଓଡ୍ରାଫ ଦଳ ମୁତୟନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ଡ. ମୋନା ଶର୍ମା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ଦୀର୍ଘ ସମୟ ଧରି ଅତ୍ୟନ୍ତ ଶୁଷ୍କ ପାଗ ଯୋଗୁଁ ଚଳିତ ବର୍ଷ ରାଜ୍ୟରେ ବନାଗ୍ନି ଘଟଣାରେ ବୃଦ୍ଧି ଘଟିଛି । ବିଭାଗୀୟ ସ୍ୱତନ୍ତ୍ର ସ୍କ୍ୱାର୍ଡ, ବନ ସୁରକ୍ଷା ସମିତି, ପରିବେଶ ବିକାଶ କମିଟି ସହାୟତାରେ ଜଙ୍ଗଲ ବିଭାଗର କ୍ଷେତ୍ର ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ତୁରନ୍ତ ପଦକ୍ଷେପ ନେଉଛନ୍ତି । ମାତ୍ର ନିଆଁର ବ୍ୟାପକତା, ବାୟୁମଣ୍ଡଳର ଉତ୍ତାପରେ ବୃଦ୍ଧି ଓ ଶୁଷ୍କ ପାଗ ଯୋଗୁଁ ଏହି ନିଆଁ ଲିଭା ପଦକ୍ଷେପରେ ଅଧିକ ଲୋକଙ୍କ ସଂପୃକ୍ତି ଜରୁରୀ ହୋଇପଡ଼ିଛି । ଶିମିଳିପାଳ ଜାତୀୟ ଉଦ୍ୟାନରେ ନିଆଁ ଲିଭା କାର୍ଯ୍ୟରେ ମୁତୟନ ହୋଇଥିବା ଓଡ୍ରାଫ ଦଳ ନିଆଁକୁ ଆୟତ୍ତାଧୀନ କରିବାରେ ସମର୍ଥ ହୋଇପାରିଛନ୍ତି ।

ତେଣୁ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ, ରାୟଗଡ଼ା, ନୂଆପଡ଼ା, ଦେଓଗଡ଼ ଓ ଭଞ୍ଜନଗର ଉପଖଣ୍ଡରେ ଅଧିକ ଓଡ୍ରାଫ୍ ଦଳ ମୁତୟନ ଜରୁରୀ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ଡ. ଶର୍ମା ପ୍ରକାଶ କରିଛନ୍ତି । ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଓ ବନଖଣ୍ଡ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିକ ଓଡ୍ରାଫ ଦଳ ମୁତୟନ ହୋଇ ଅଗ୍ନି ନିର୍ବାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ ବୋଲି ଡ. ଶର୍ମା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଜଣାଇଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ,
ସୂଚନା ଅଧିକାରୀ